# ପିଲାଙ୍କ ଧରିତ୍ରୀ

ଶନିବାର ,୧୨ ଫେବୃୟାରୀ, ୨୦୨୨



୬ କବିତା
୮ ଆଇନା
୭ ଜଣା ଅଜଣା
୩

# ଗପ
# ଧୀରସ୍ଥିର ଗୁଣଟି ଉତ୍ତମ

ଲିନୁ ଭାରି ତୁରୁତୁରିଆ ପିଲା। ସବୁ ସମୟରେ ଅଧୀର, ଅସ୍ଥିର। ପାଖ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢ଼େ। ପାଠ ତ ମନଦେଇ ପଢ଼େ ହେଲେ ତୁରୁତୁରିଆ ସ୍ୱଭାବ ଆଦୌ ବଦଳାଇ ପାରେନି। ତା'ର ଏଇ ଗୁଣ ଲାଗି ସମସ୍ତେ ତାକୁ ଗାଳି କରନ୍ତି।

ଏବେ କିଛିଦିନ ହେବ ଲିନୁ ଭାରି ଖୁସି ଜଣାପଡୁଛି। ଗଲା ମାସରେ ମାମୁଘରୁ ସେ ଯୋଉ ଦିଟା ଗେଣ୍ଡୁ ଚାରା ଆଣିଥିଲା ଏବେ ସେଥିରେ ବହୁତ ଫୁଲ ଫୁଟିଚି। ଆହୁରି କେତେଗୁଡ଼ିଏ ଶାଖାରେ କଢ଼ି ଧରିଚି। ଗେଣ୍ଡୁ ଗଛରେ ଫୁଲ ଫୁଟିଚି ବୋଲି ଲିନୁ ଆଖପାଖର ସମସ୍ତଙ୍କୁ ଡାକିକି ଦେଖଉଚି। ତା' ମମିଙ୍କ ମୋବାଇଲରେ ନିଇତି ସେଇ ଗଛର ଫଟୋ ଉଠଉଚି। ପାଣି ଦେଇ ଲିନୁ ଗଛ ଦୁଇଟିର ଖୁବ୍ ଯତ୍ନ ନେଉଚି। ବାପାଙ୍କୁ କହି ବଜାରରୁ ଖତ ଆଣି ତା ମୂଳରେ ଦେଉଚି।

ଲିନୁ ସେଦିନ ତରତର ହେଇ ପାଣି ଦେଉଥିଲା। ହଠାତ ତା' ହାତରୁ ପାଣି ମଗ୍‌ଟା ବାଜି ଗେଣ୍ଡୁ ଗଛର ଗୋଟେ ଡାଳ ଭାଙ୍ଗିଗଲା। ସେଇ ଡାଳରେ ତିନିଟା ବଡ଼ଫୁଲ ଆଉ ପାଞ୍ଚ ଛଅଟି କୁନି କଢ଼ି ଧରିଥାଏ। ଡାଳ ଭାଙ୍ଗି ଯିବା ପରେ ଲିନୁ ମୁଣ୍ଡ ଆଉ କାମ କଲାନି। କାନ୍ଦକାନ୍ଦ ହୋଇ ଘର ଭିତରକୁ ଧାଇଁଆସିଲା। ଜେଜେମା ତାକୁ କହିଲେ ଆରେ କଣ ହେଲା, ତୁ ଏମିତି କାହିଁକି ମୁହଁ ଶୁଖେଇଚୁ। ଆଖି ଛଳଛଳ କରି ଲିନୁ କହିଲା, ମୁଁ ପାଣି ଦେଲାବେଳେ ମଗ୍ ବାଜିକି ଗୋଟେ ଗେଣ୍ଡୁ ଗଛର ଡାଳ ଭାଙ୍ଗିଗଲା। ଜେଜେମା କହିଲେ, ତୁ ତ ସବୁବେଳେ ତରବର ହେଉଛୁ, ଏମିତି ହେଲେ କ'ଣ ଚଳିବ! ମୁଁ ଆଗରୁ କେତେ ଥର କହିଚି ହେଲେ ତୁ କ'ଣ ଆମ କଥା ମାନୁଚୁ। ତୁ ଗଛଲତାକୁ ବେଶି ଭଲ ପାଉ, ତେଣୁ ସେମାନଙ୍କର କିଛିହେଲେ ତତେ କଷ୍ଟ ତ ଲାଗିବ। ହଉ ଛାଡ଼ ସେକଥା, ଚାଲିଲୁ ଦେଖିବା ତୋ ଗଛର କ'ଣ ହେଇଚି।

ଜେଜେମା ଫୁଲ ଗଛକୁ ଦେଖିଲେ ଆଉ କହିଲେ ଇଏ ତ ଠିକ୍ ହେଇଯିବ। ଡାଳଟା ମାଡ଼ ହେଇ ନଇଁ ପଡ଼ିଚି। ମୁଁ କେମିତି ଡାଳକୁ ଯୋଡିବି ତୁ ମତେ ଲକ୍ଷ୍ୟକର। ନଇଁ ପଡ଼ିଥିବା ଡାଳକୁ ଉଠାଇ ଜେଜେମା ତା' ତଳେ ଖଣ୍ଡେ କାଠି ଦେଇ ସୂତାରେ ବାନ୍ଧିଦେଲେ। ଆଉ ଫୁଲଗଛ ଉପରେ ଆଞ୍ଜୁଳାଏ ପାଣି ଛିଞ୍ଚି ଦେଲେ। ଲିନୁ ବ୍ୟସ୍ତ



ହୋଇ ପ୍ରଶ୍ନ କଲା, ଜେଜେମା ସତରେ କ'ଣ ପୂର୍ବଭଳି ସେ ଡାଳରେ ଫୁଲ ଫୁଟିବ। ଜେଜେମା କହିଲେ ଧୈର୍ଯ୍ୟ ଧର, ସପ୍ତାହେ ଭିତରେ ସବୁ ଠିକ୍ ହେଇଯିବ। କିଛିଦିନ ପରେ ଗଛ ଡାଳଟି ପୁଣି ସତେଜ ସୁନ୍ଦର ଦିଶିଲା। ସେଦିନ ଲିନୁ ଦୌଡ଼ି ଆସି ଡାକ ଦେଲା ଜେଜେମା ଜେଜେମା ଦେଖିବ ଆସ, ଗେଣ୍ଡୁ ଗଛର ସେ ଭଙ୍ଗା ଡାଳଟିରେ ଫୁଲ ଫୁଟିଚି। ଜେଜେମା କହିଲେ, ମୁଁ କହିଥିଲି ନା ସବୁ ଠିକ୍ ହେବ ତୁ ଖାଲି ଅଧର୍ଯ୍ୟ ହେଉଥିଲୁ। ମନେରଖ ତରବର ହେଲେ କିଛି ବି ହୁଏନି। ଧୀର ସ୍ଥିର ଗୁଣଟି ଉତ୍ତମ ଗୁଣ। ତେଣୁ ପ୍ରତ୍ୟେକ କାମକୁ ଧୀରସ୍ଥିର ଚିତ୍ତରେ ମନ ଲଗାଇ କଲେ ସବୁଥିରେ ସଫଳତା ମିଳିପାରିବ। ଲିନୁ କହିଲା, ଆଜ୍ଞା ଜେଜେମା ଏଥର ମୁଁ ଏକଥା ନିଶ୍ଚୟ ମାନିବି।

**–ଦେବେନ୍ଦ୍ର କର**

ମଙ୍ଗଳାବାଗ, କଟକ–୧, ମୋ: ୯୯୩୭୯୬୩୯୧୦

# ଖିଲି ଖିଲି ହସ

## (ଶିବୁର ଭଗବାନଙ୍କୁ ପ୍ରାର୍ଥନା...)

**ଶିବୁ:** ହେ ପ୍ରଭୁ! ମୋତେ ଏମିତି କିଛି ଖାଇବା ଦିଅନ୍ତୁ, ଯାହାକୁ ଯେତେ ଖାଉଥିଲେ ବି କେବେ ସରୁ ନ ଥିବ।
**ଭଗବାନ:** ତଥାସ୍ତୁ।
**ଶିବୁ:** ହେଲେ, ପ୍ରଭୁ କହିଲେନି ତ ସେ ଖାଇବାଟା କ'ଣ ?
**ଭଗବାନ:** ଚୁଇଁଗମ୍।


## (ଡାକ୍ତର ଏବଂ ମିକୁ ମଧ୍ୟରେ କଥାବାର୍ତ୍ତା...)

**ମିକୁ:** ଡକ୍ଟର ଅଙ୍କଲ ! ଗୋଟେ ଚଷମା ଦିଅନ୍ତୁ।
**ଡାକ୍ତର:** କାହା ପାଇଁ ଚଷମା ନେବେ ? କ'ଣ ତମ ପାଇଁ ?
**ମିକୁ:** ନାହିଁ ଅଙ୍କଲ, ମୋ ପାଇଁ ନୁହେଁ। ଆମ ସାର୍‌ଙ୍କ ପାଇଁ।
**ଡାକ୍ତର:** ଆଚ୍ଛା ଠିକ୍ ଅଛି। ସାର୍‌ଙ୍କୁ ଏଠାକୁ ଆଣିକି ଆସିବ, ଚେକ୍ କଲା ପରେ ଚଷମା ଦେବା।
**ମିକୁ:** ଚେକ୍ କରି କିଛି ଲାଭ ନାହିଁ। ତାଙ୍କ ଆଖି ବହୁତ ଖରାପ। ନ ହେଲେ ସବୁବେଳେ ମୁଁ କ'ଣ ତାଙ୍କୁ ଗଧ ଭଳି ଦେଖାଯାଆନ୍ତି।

## (ଦୁଇ ସାଙ୍ଗ ମଧ୍ୟରେ କଥାବାର୍ତ୍ତା...)

**ପ୍ରଥମ ସାଙ୍ଗ:** ଆରେ ସାଙ୍ଗ କହିଲୁ, ୫ ର ଅଧା କେତେ ହେବ ?
**ଦ୍ୱିତୀୟ ସାଙ୍ଗ:** ଯଦି ଉପର ତଳ କରି କାଟିବା, ତେବେ କେବଳ ଦୁଇଟି '୦' ପାଇବା। ଆଉ ଯଦି ବାମରୁ ଡାହାଣ କରି କାଟିବା ତେବେ ଦୁଇଟି '૩' ପାଇବା।

## ବିନ୍ଦୁ ଯୋଡ଼



# ମତାମତ

▶▶ ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପ୍ରକାଶିତ 'ଜଣା ଅଜଣା' ଏବଂ 'ଏଥରର ପ୍ରଶ୍ନ' ସ୍ତମ୍ଭରୁ କେତେ ଅଜଣା କଥା ଶିଖିବାକୁ ମିଳିଛି।

**–ସ୍ୱୟଂପ୍ରକାଶ ଦାସ, ବିରିଡ଼ି, ଜଗତ୍‌ସିଂହପୁର**

▶▶ 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରେ ସବୁବେଳେ ନୂଆ ବିଷୟରେ ପ୍ରକାଶ ପାଉଥିବାରୁ ପଢ଼ିବାକୁ ଭଲ ଲାଗୁଛି।

**– ପ୍ରିୟା ପଲ୍ଲବୀ, ଉମରକୋଟ, ନବରଙ୍ଗପୁର**

▶▶ ସବୁଥର ପରି ଏଥରର 'ଆଇନା' ପୃଷ୍ଠାରେ ବାହାରିଥିବା ପିଲାଙ୍କ ଫଟୋଗୁଡ଼ିକ ସୁନ୍ଦର ଲାଗିଲା।

**–ସାଇଶ୍ରୀ ଅଗ୍ରୱାଲ୍, କନ୍ଧମାଳ, ବୌଦ୍ଧ**

▶▶ 'କବିତା' ସ୍ତମ୍ଭରେ ପ୍ରକାଶ ପାଇଥିବା କବିତାଗୁଡ଼ିକ ଛୋଟ ଥିଲା ଓ ପଢ଼ିବାକୁ ଭଲ ଲାଗିଲା। ସ୍ଥାନିତ ହୋଇଥିବା ଚିତ୍ରଗୁଡ଼ିକ ମଧ୍ୟ ଆକର୍ଷଣୀୟ ହୋଇଥିଲା।

**–ବିଶ୍ୱ ବନ୍ଦିତା, ବମିଖାଲ, ଭୁବନେଶ୍ୱର**

▶▶ 'ତୁମ ତୂଳୀରୁ' ସ୍ତମ୍ଭରେ ବାହାରୁଥିବା ଚିତ୍ରଗୁଡ଼ିକ ବେଶ୍ ଆକର୍ଷଣୀୟ ହୋଇପାରୁଛି।

**–ରାଜେଶ ପାଇକରାୟ, ବାଲିଆପାଳ, ବାଲେଶ୍ୱର**

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,


## ସୂଚନା

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ ଫଟୋ ସହ ପୁରା ନାମ, ବୟସ, ଠିକଣା ; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ



**ଦିନକୁ ଦିନ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି, ଯାହାର ନକାରାତ୍ମକ ପ୍ରଭାବ ସମଗ୍ର ଜୀବଜଗତ ଉପରେ ପଡୁଛି । ଆଉ ଏହାଦ୍ୱାରା ନା କେବଳ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି ବରଂ ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଘଟୁଛି । ତେଣୁ ଏବେଠାରୁ ହିଁ ପିଲାଠୁ ବୟସ୍କଙ୍କ ପର୍ଯ୍ୟନ୍ତ ସଭିଙ୍କୁ ପରିବେଶ ସୁରକ୍ଷା ନିମନ୍ତେ ସଚେତନ ହେବା ଜରୁରୀ ହୋଇପଡ଼ିଛି...**





ଗ୍ରେଟା ଥନବର୍ଗ

# ଆଜିର ଆହ୍ୱାନ
# ପରିବେଶ ସୁରକ୍ଷା

ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ବିଭିନ୍ନ ଯନ୍ତ୍ରପାତି, କଳକାରଖାନା, ଯାନବାହନ ଆଦିର ବହୁଳ ବ୍ୟବହାର ସାଙ୍ଗକୁ ବ୍ୟାପକ ଗଛ କଟା ପରିବେଶ ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଛି । ଏସବୁ ମଣିଷକୃତ ପ୍ରଦୂଷଣ ପ୍ରଭାବରେ ବାୟୁମଣ୍ଡଳରେ ଅମ୍ଳଜାନ ପରିବର୍ତ୍ତେ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ୍) ଗ୍ୟାସ୍ ପରିମାଣ ବଢ଼ିବାରେ ଲାଗିଛି । ଏହି ଗ୍ୟାସ୍ ପରିମାଣ ଅଧିକ ହେବା ଯୋଗୁ ଭୂପୃଷ୍ଠର ତାପମାତ୍ରା ବୃଦ୍ଧିପାଉଛି । ଯେଉଁଥିପାଇଁ ଗ୍ଲାସିୟର ତରଳି ଯାଉଛି ଏବଂ ସମୁଦ୍ରର ଜଳ ସ୍ତର ବଢ଼ିବାରେ ଲାଗିଛି । ଏମିତିକି ଏଥିପାଇଁ କେତେକ ଦ୍ୱୀପପୁଞ୍ଜ ପାଣିରେ ମଧ୍ୟ ବୁଡ଼ିଯାଇଛି । ବିଜ୍ଞାନ ପତ୍ରିକା 'ନେଚର'ରେ ପ୍ରକାଶିତ ତଥ୍ୟ ଅନୁସାରେ ଏଭରେଷ୍ଟରେ ୨୦୦୦ବର୍ଷ ସମୟ ନେଇ ଯେଉଁ ବରଫ ଜମିଥିଲା ୨୫ବର୍ଷ ମଧ୍ୟରେ ସେଥିରୁ ୧୮୦ଫୁଟ୍ ପର୍ଯ୍ୟନ୍ତ ତରଳିଛି । ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ଯୋଗୁ ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତା ସମୁଦ୍ର ମଧ୍ୟରେ ଲୀନ ହେବାକୁ ବସିଲାଣି । କେବଳ ଏତିକି ନୁହେଁ, ବର୍ତ୍ତମାନ ଭୂପୃଷ୍ଠରୁ ଜଳୀୟ ଭାଗ ସହ ଜୈବ ଇନ୍ଧନ ପରିମାଣ ହ୍ରାସପାଉଛି । ଦୁଃଖର ବିଷୟ ଯେ ସର୍ବାଧିକ ମାତ୍ରାରେ କାର୍ବନ ଡାଇଅକ୍ସାଇଡ୍ ନିର୍ଗତ କରାଇବାରେ ସମଗ୍ର ପୃଥିବୀରେ ଚାଇନା, ଆମେରିକା ପରେ ଭାରତର ସ୍ଥାନ ରହିଛି ।

## ପିଲାଙ୍କ ଉପରେ ପଡୁଛି ପ୍ରଭାବ

ଜଳବାୟୁ ପରିବର୍ତ୍ତନ ଯୋଗୁ ଛୋଟପିଲାଙ୍କଠାରେ ଶାରୀରିକ ସହ ମାନସିକ ସମସ୍ୟା ମଧ୍ୟ ଦେଖାଯାଉଛି । ମନୋବିଜ୍ଞାନୀଙ୍କ କହିବା ଅନୁସାରେ ପିଲାଙ୍କଠାରେ ଚିନ୍ତା, ଅବସାଦ, ଦୁଃଖ, ହଠାତ୍ ରାଗିଯିବା ଓ ଚିଡ଼ିଚିଡ଼ାପଣ ଦେଖାଯାଉଛି । ଏଭଳି ସମସ୍ୟାକୁ ମନୋବିଜ୍ଞାନୀମାନେ 'ଇକୋ-ଆଙ୍ଗଜାଇଟି' ବୋଲି କହିଥାନ୍ତି ।

## ଅନ୍ୟ ପାଇଁ ଉଦାହରଣ ଗ୍ରେଟା ଥନବର୍ଗ

ଅଳ୍ପ ବୟସରୁ ପରିବେଶ ପ୍ରଦୂଷଣ ଓ ଏଥିଯୋଗୁ ହେଉଥିବା ଜଳବାୟୁ ପରିବର୍ତ୍ତନ ଏବଂ ଏହାର ନିରାକରଣ ଦିଗରେ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ସ୍ୱିଡେନ୍ର ଗ୍ରେଟା ଥନବର୍ଗ । ଆଠ ବର୍ଷ ବୟସରୁ ଜଳବାୟୁ ପରିବର୍ତ୍ତନ ବିଷୟରେ ଜାଣିବା ପାଇଁ ତାଙ୍କର ଅଧିକ ଆଗ୍ରହ ଦେଖାଯାଇଥିଲା । ୨୦୧୮ ମସିହାରେ ନବମ ଶ୍ରେଣୀରେ ପଢୁଥିବା ବେଳେ ସେ ସ୍କୁଲ ବନ୍ଦ କରି ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ 'ସ୍ୱିଡିସ୍' (ସ୍ୱିଡେନ ସଂସଦ) ଆଗରେ ଧାରଣା ଦେଇଥିଲେ । ଗୋଟିଏ ପ୍ଲାକାର୍ଡ ଧରି ସେ ସ୍କୁଲ ସମୟରେ ହିଁ ଆସି ଧାରଣା ଦେଉଥିଲେ । ସେଥିରେ ଲେଖାଥିଲା 'ସ୍କୁଲ ଷ୍ଟ୍ରାଇକ୍ ଫର୍ କ୍ଲାଇମେଟ୍ ଚେଞ୍ଜ' । ପ୍ରତି ଶୁକ୍ରବାର ସେ ସଂସଦ ଆଗରେ ଧାରଣା ଦେବାକୁ ଆସୁଥିଲେ । ସେହି ସମୟରେ ସ୍ୱିଡେନରେ ତାପମାତ୍ରା ୨୬୦ବର୍ଷର ରେକର୍ଡ ଭାଙ୍ଗିଥିଲା । ସେତେବେଳେ କେହି ବି ତାଙ୍କୁ ସମର୍ଥନ କରି ନ ଥିଲେ । ହେଲେ ସେ ନିଜ ଲକ୍ଷ୍ୟପଥରୁ ପଛଘୁଞ୍ଚା ନ ଦେଇ ଉଦ୍ୟମ ଜାରି ରଖିଥିଲେ । ଠିକ୍ ବର୍ଷକ ପରେ ସେ ଚର୍ଚ୍ଚାକୁ ଆସିଥିଲେ । ତାଙ୍କର ପରିବେଶ ଆନ୍ଦୋଳନ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିଲା । ସେ ସୋସିଆଲ ମିଡିଆରେ '#FridaysForFuture' ଟ୍ରେଣ୍ଡ କରି ପରିବେଶକୁ ବଞ୍ଚାଇବା ପାଇଁ ଏକ ଅଭିଯାନ ଆରମ୍ଭ କଲେ । ନ୍ୟୁୟର୍କରେ ଅନୁଷ୍ଠିତ ୟୁଏନ କ୍ଲାଇମେଟ୍ ଆକ୍ସନ ସମିଟ୍ରେ ଯୋଗଦେବାକୁ ସେ ବୋଟ୍ ଦ୍ୱାରା ଯାଇଥିଲେ । ସେଠାରେ ପହଞ୍ଚିବାକୁ ତାଙ୍କୁ ୨ସପ୍ତାହ ସମୟ ଲାଗିଥିଲା । ଆଉ ସେଇଠି ତାଙ୍କର ଓଜସ୍ୱିନୀ ଭାଷଣ ଶୁଣି ଉପସ୍ଥିତ ବିଶ୍ୱ ନେତୃବୃନ୍ଦ ଏବଂ ଅନ୍ୟ ରାଜନେତାମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ବହୁ ରାଜନେତା ତାଙ୍କୁ ଏଥିପାଇଁ ସମାଲୋଚନାମଧ କରିଥିଲେ । ଏପରି କାର୍ଯ୍ୟ ପାଇଁ ୨୦୧୯ରେ ଟାଇମ୍ ମାଗାଜିନରେ ତାଙ୍କୁ 'ପର୍ସନ୍ ଅଫ୍ ଦି ଇୟର' ଭାବରେ ମନୋନୀତ କରାଯାଇଥିଲା । ପରିବେଶ ପାଇଁ ଏପରି ଉଦ୍ୟମ ଲାଗି ଗ୍ରେଟା ଥନବର୍ଗ କେବଳ ନିଜର ଜନ୍ମସ୍ଥାନ ସ୍ୱିଡେନ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ସାଉଁଟି ଥିଲେ ଅନେକ ପ୍ରଶଂସା । କମ୍ ବୟସରେ ଜଳବାୟୁ ପରିବର୍ତ୍ତନ ପାଇଁ କାର୍ଯ୍ୟ କରୁଥିବାରୁ ସେ ବିଶ୍ୱରେ ରୋଲ ଆଇକନ୍ ଭାବରେ ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । ତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପରିବେଶ ସୁରକ୍ଷା ଅଭିଯାନରେ ୧୮୫ଟି ଦେଶର ୭କୋଟିରୁ ଅଧିକ ଲୋକ, ୨୪ଟି ଦେଶର ୧୭ ହଜାରରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଭାରତରୁ ୧୪୦୦୦ଲୋକ ଅଂଶଗ୍ରହଣ କରିଥିଲେ । ଗ୍ରେଟା ପରିବେଶ ସୁରକ୍ଷା ପାଇଁ ବିମାନରେ ଯାତ୍ରା କରିବା ବନ୍ଦ କରିଦେଇଥିଲେ । ସେ କହିଥିଲେ, ବିମାନରେ ଇନ୍ଧନ ଜଳିବା ଦ୍ୱାରା ବହୁ ପରିମାଣର ଦୂଷିତ ଏବଂ କ୍ଷତିକାରକ ଗ୍ୟାସ୍ ନିର୍ଗତ ହୁଏ, ଏହା ଗ୍ଲୋବାଲ ୱାର୍ମିଂର କାରଣ ସାଜିଥାଏ । ତେଣୁ ସେ ସବୁବେଳେ ଟ୍ରେନରେ ଯାତ୍ରା କରୁଥିବା କହିଥିଲେ ।

## ପରିବେଶ ସୁରକ୍ଷା ପାଇଁ...

**ପରିବେଶ ସୁରକ୍ଷା ନିମନ୍ତେ ଛାତ୍ରୀଛାତ୍ରମାନେ ମଧ୍ୟ ବିଭିନ୍ନ ଦିଗ ପ୍ରତି ସଚେତନ ରହିବା ସହ କେତେକ ନିୟମ ମାନିବା ଆବଶ୍ୟକ ଜାଣନ୍ତୁ ସେ ସମ୍ପର୍କରେ...**

- ନିଜ ଘର କିମ୍ବା ସ୍କୁଲ ଚାରିପଟେ ଗଛ ଲଗାନ୍ତୁ । ଏହାଦ୍ୱାରା ବାୟୁରେ ଅମ୍ଳଜାନ (ଅକ୍ସିଜେନ) ମାତ୍ରା ବୃଦ୍ଧି ହେବ ।
- ଆବଶ୍ୟକ ନ ଥିଲେ ନିଜ ରୁମ୍ର ଲାଇଟ୍, ଫ୍ୟାନ୍, କମ୍ପ୍ୟୁଟର, ଲାପଟପ ଆଦି ଇଲେକ୍ଟ୍ରୋନିକ୍ସ ଉପକରଣ ବନ୍ଦ ରଖନ୍ତୁ ।
- ଦିନକୁ ଦିନ ଭୂପୃଷ୍ଠରେ ଜଳସ୍ତର ମଧ୍ୟ ହ୍ରାସପାଉଛି । ତେଣୁ ଏହାକୁ ରୋକିବା ଲାଗି ଅଯଥା ଜଳ ନଷ୍ଟ କରନ୍ତୁ ନାହିଁ । ବ୍ରଶ କରିବା ହେଉ କି ଗାଧୋଇବା ସମୟରେ ଅନେକେ ଦୀର୍ଘ ସମୟ ଧରି ପାଣି ଟାଲୁ ରଖିଥାନ୍ତି । ହେଲେ ଅଯଥା ପାଣି ଖର୍ଚ୍ଚ ନ କରି ଯେତିକି ଆବଶ୍ୟକ ସେତିକି ପାଣି ବ୍ୟବହାର କରି ପରେ ଟ୍ୟାପ୍ ବନ୍ଦ କରି ଦିଅନ୍ତୁ ।
- ପାଖ ଜାଗାକୁ ଯିବାର ଥିଲେ ଅନାବଶ୍ୟକ ଇନ୍ଧନ ଖର୍ଚ୍ଚ ସହ ପ୍ରଦୂଷଣ ରୋକିବା ଲାଗି ଚାଲିଚାଲି କିମ୍ବା ସାଇକେଲ୍ରେ ଯାଆନ୍ତୁ । ସ୍କୁଲ ଯିବା ସମୟରେ କାର୍ କିମ୍ବା ବାଇକ୍ରେ ଯାଉଥିଲେ ଟ୍ରାଫିକ୍ ଜାଗାରେ ଗାଡ଼ିର ଷ୍ଟାର୍ଟ ବନ୍ଦ ରଖନ୍ତୁ ।
- ଖାଦ୍ୟ ଜିନିଷ ଆଣିବାବେଳେ ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ । ସେହିପରି ଖାଦ୍ୟ ନଷ୍ଟ କରନ୍ତୁ ନାହିଁ । ପ୍ଲାଷ୍ଟିକ ଜରି ହେଉ କି ପାଣି ବୋତଲ ଏଣେତେଣେ ନ ଫୋପାଡ଼ି ଡଷ୍ଟବିନ୍ ବ୍ୟବହାର କରନ୍ତୁ । ପୁନଃବ୍ୟବହାର ଉପଯୋଗୀ ସାମଗ୍ରୀ (ରି-ସାଇକେଲ) ବ୍ୟବହାର କରନ୍ତୁ ।
- ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ପଶୁପକ୍ଷୀମାନଙ୍କର ଯତ୍ନ ନିଅନ୍ତୁ ।
- ନିଜେ ସଚେତନ ହେବା ସହ ପରିବେଶ ସୁରକ୍ଷା ନିମନ୍ତେ ପରିବାର ତଥା ଆଖପାଖରେ ରହୁଥିବା ଲୋକଙ୍କୁ ସଚେତନ କରନ୍ତୁ ।

**-ସୁଚରିତା ପାତ୍ର**



୧

ଅଭିଜିତ୍ ପ୍ରିୟରଞ୍ଜନ
କ୍ଲାସ-୯, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ସାକ୍ଷୀଗୋପାଳ, ପୁରୀ

୨
ଦେବାଂଶୁ ଆଚାର୍ଯ୍ୟ
କ୍ଲାସ-୨, ବିବିଆଇଟି
ପବ୍ଲିକ ସ୍କୁଲ, ବୁଗୁବୁଗି,
କୋଲକାତା


୩

ଅର୍ସି ରେହମାନ
କ୍ଲାସ-୮, କାକଟପୁର
ବାଳିକା ନୋଡାଲ ଉଚ୍ଚ
ବିଦ୍ୟାଳୟ, ପୁରୀ

୪
ନିରାକାର ବାରିକ
କ୍ଲାସ-୪, କେନ୍ଦ୍ରୀୟ
ବିଦ୍ୟାଳୟ, ନିଳାଦ୍ରୀ
ବିହାର, ଭୁବନେଶ୍ୱର


୫

ଦୀପ୍ଶିଖା ଦାଶ
କ୍ଲାସ-୧, ପ୍ରଭୁଜୀ ଇଂଲିଶ୍
ମିଡିୟମ୍ ସ୍କୁଲ, ଭିଏସଏସ୍
ନଗର, ଭୁବନେଶ୍ୱର

୬
ଆଶୀର୍ବାଦ ମିଶ୍ର
କ୍ଲାସ-୬, ଓଡ଼ିଶା ଆଦର୍ଶ
ବିଦ୍ୟାଳୟ,
ସତ୍ୟବାଦୀ, ପୁରୀ


୭

ସମ୍ପୂର୍ଣ୍ଣା ସ୍ୱାଇଁ
କ୍ଲାସ-୧, କେନ୍ଦ୍ରୀୟ
ବିଦ୍ୟାଳୟ ନଂ-୧,
ଭୁବନେଶ୍ୱର

୮
ସାଇଶ୍ରୀ ସାମଲ
କ୍ଲାସ-୬, ବାଲବିହାରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ମହଲ, କେନ୍ଦ୍ରାପଡା



୯


ସାଇପ୍ରିୟା ସାହୁ
କ୍ଲାସ- ୭, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ପିପିଲି, ପୁରୀ

୧୦
ସ୍ୱୀକୃତି ଅଗ୍ରୱାଲ
କ୍ଲାସ- ୭, ଜୟହିନ୍ଦ
ପବ୍ଲିକ ସ୍କୁଲ, ହରିଶଙ୍କର
ରୋଡ୍, ବଲାଙ୍ଗିର





୧



୨



୬



୩



୪


୫


୭


୮


୯


୧୦

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ମେମୋରି ମାଷ୍ଟର ନିରର୍ଗଭ

ପିଲାମାନେ, ତମମାନଙ୍କୁ କାର୍ଟୁନ ଚିତ୍ର କିଭଳି ଲାଗେ ? ସତରେ କାର୍ଟୁନର ଚିତ୍ର ଦେଖିବାକୁ ଭାରି ମଜା ଲାଗେ। କିନ୍ତୁ ତୁମେମାନେ ସେ ସବୁ ଚରିତ୍ରକୁ କ'ଣ ଏକାଥରେ ମନେରଖିପାର ? କିନ୍ତୁ ୫ବର୍ଷୀୟ ଶ୍ରୀସ ନିରର୍ଗଭ ଗୋଟିଏ ମିନିଟ୍ ଭିତରେ ୫୦ଟି କାର୍ଟୁନ ଚରିତ୍ରକୁ ଚିହ୍ନଟ କରିଥିଲେ। ଭାରତୀୟ ନିରର୍ଗଭ ଏଥିପାଇଁ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି। ନିରର୍ଗଭଙ୍କୁ ମେମୋରି ମାଷ୍ଟର ଭାବେ ସମସ୍ତେ ଜାଣନ୍ତି। ପୂର୍ବରୁ ସେ ୧ମିନିଟ୍‌ରେ ବହୁତଗୁଡ଼ିଏ କାର୍ ଲୋଗୋକୁ ଚିହ୍ନଟ କରି ରେକର୍ଡ ସୃଷ୍ଟି କରିଥିଲେ। ତେବେ ନିରର୍ଗଭଙ୍କ କାର୍ଟୁନ ଚରିତ୍ର ଚିହ୍ନଟର ଭିଡିଓ ଗିନିଜ ୱାର୍ଲ୍ଡ ରେକର୍ଡର ଫେସ୍‌ବୁକ୍ ଓ ଟୁଇଟର ହ୍ୟାଣ୍ଡେଲରେ ଶେୟାର କରାଯାଇଥିଲା। ବହୁ ଲୋକ ଏହି ଭିଡିଓ ଦେଖି ଲାଇକ ଆଉ କମେଣ୍ଟ ଦେଇଥିଲେ।



## ଏଥରର

- ନେପ୍‌ଚ୍ୟୁନ ଗ୍ରହ କିଏ ଆବିଷ୍କାର କରିଥିଲେ ?
- ଆମ ସୌରଜଗତର ସବୁଠାରୁ ଉତ୍ତପ୍ତ ଗ୍ରହ ?
- ସୌରଜଗତର ବଡ଼ ଗ୍ରହାଣୁର ନାମ ?
- କେଉଁ ଗ୍ରହରେ ସୌରଜଗତର ସବୁଠୁ ବଡ଼ ଆଗ୍ନେୟଗିରି ଅଛି ?
- ସୌରଜଗତର ବୃହତ୍ତମ ଉପଗ୍ରହର ନାମ ?

### ଗତଥରର ଉତ୍ତର

- ମାଘ ମାସ ଶୁକ୍ଳ ପଞ୍ଚମୀ ତିଥି
- ସରସ୍ୱତୀ
- ବସନ୍ତ ପଞ୍ଚମୀ
- ହଂସ
- ବୀଣା



## କହିଲ ଦେଖି

୧) ବଡ଼ ଗଛଟିଏ ଛୋଟିଆ ଫଳ
ଅମୂଲ୍ୟ ଜାନ ସିଏ ଦିଏ ପ୍ରଚୁର
ଭାରି ଶାନ୍ତି ଦିଏ ସେ ଗଛ ଛାଇ
ତା' ମୂଳରେ ଅଛି ମାରେ ବାଟୋଇ

ଉ- **ବରଗଛ**



୨) ନଈରେ ଅଛି ପାଣିରେ ନାହିଁ
ଗାଈରେ ଅଛି ଷଣ୍ଢରେ ନାହିଁ
ନିଜର ଟିକିଏ ବୁଦ୍ଧି ଖଟେଇ
କିଏ ସେ ପାରିବ ନାମଟା କହି

ଉ- **ଈ (ଅକ୍ଷର)**




୩) ପରିଚିତ ସିଏ ମାମୁଁର ନାମେ
ଆସିଥାଏ ନିଶ୍ଚେ ସବୁରି କାମେ
ମୂଲ୍ୟବାନ ଶବ୍ଦ କବିଟେ ପାଇଁ
ରଚନା କରଇ ତା'ମୁଖ ଚାହିଁ
କୁନି ପିଲାଟିଏ ଶୋଇଲା ବେଳେ
ମାଆ ଡାକୁଥାଏ ବସେଇ କୋଳେ
ଅନ୍ଧକାର ନାଶି ଆଲୋକ ଦିଏ
ନାମଟି ତାହାର କହିବ କିଏ ?

ଉ- **ଜହ୍ନ**



୪) ସବୁବେଳେ ଆମ ପାଖରେ ଥାଏ
ଯୁଆଡେ ଗଲେବି ସାଥିରେ ଧାଏଁ
ଦେଖିହୁଏ ହେଲେ ହୁଏନା ଧରି
ଜାଣିଥିଲେ କୁହ ନ କରି ଡେରି।

ଉ- **ଛାଇ**



**-ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରାତିପୁର, ଯାଜପୁର
ମୋ- ୮୮୯୨୩୦୧୧୪୩

## କବିତା





### ସେଇ ରାଇଜରେ ତୋଳିବା ଘର

ସେଇ ରାଇଜରେ ତୋଳିବା ଘର
ନ ଥିବ ଯେଉଁଠି ଆପଣା ପର
ଭେଦଭାବ ଅବା ହିଂସା ଗରବ,
ସେନେହ ଶରଧା ପଡ଼ିବ ଝରି
ଫୁଲର ମହକ ଯିବରେ ଭରି
ହସୁଥିବେ ଗଛଲତା ସରବ।
ବହୁଥିବ ଯହିଁ ଆଶିଷ ଝର
କଳ କଳ ସୁରେ ମନ ହରଷେ,
ଗାଉଥିବ ଗୀତ ଝରଣା ହସି
ଶୁଣୁଥିବା ନିତି ସରାଗେ ବସି
ବିତୁଥିବ ଦିନ ମଧୁ ପରଶେ।
ନ ଥିବ ଯେଉଁଠି କାହାକୁ ଡର
ସ୍ନେହରେ ଭରୁଥିବ ଅନ୍ତର,
ଭାଇଚାରା ଭାବ ବାଣ୍ଟିବା କେତେ
ଭୁଲିଯାଇ ଦୁଃଖ କଷଣ ଯେତେ
କାନେ ଶୁଭୁଥିବ ଖୁସି ମନ୍ତର।
ସେଇ ରାଇଜରେ ତୋଳିବା ଘର
ପକ୍ଷୀ ଯହିଁ ଉଡ଼େ ଝାଡ଼ିକି ପର
ଏକତାର ଦୀପ ଦେବା ଜଳେଇ,
ମମତାର ଡୋର ବାନ୍ଧିବା ଆମେ
ଢାଳିଦେଇ ସଦା ପରାଣ କାମେ
ସଭିଙ୍କୁ ଆଦରି ନେବା କୋଳେଇ।

**-ଶରତ କୁମାର ଦାସ**
ବଡ଼ବିଲ ମହାବିଦ୍ୟାଳୟ,
ବଡ଼ବିଲ, କେନ୍ଦୁଝର

### ସାହସୀ ହେବା

ପିଲାମାନେ ଆମେ ସାହସୀ ହେବା
ବିପଦ ଆସିଲେ ଡରିବା ନାହିଁ ଟି
ଦୃଢ଼ ହୋଇ ଆମେ ସାମ୍ନା କରିବା
ଜୀବନରେ ଆସୁ ଝଡ଼ ଝଞ୍ଜା ଯେତେ
ହାରିଯିବା ନାହିଁ ଟି କେବେ।

ସାହସ ସଞ୍ଚିଲେ ମନରେ ପିଲାଏ
ଅସାଧ ତ ସାଧ ହୁଏ
ଜୀବନର ଯେତେ ବନ୍ଧୁର ପଥେ
ଫୁଲ ସବୁ ଫୁଟିଯାଏ
ଦୃଢ଼ ମନୋବଳ, ଧୈର୍ଯ୍ୟ ଓ ସାହସ
ତିନିହେଁ ଆମର ମିତ
କର୍ମରେ ଏହାକୁ ଲଗାଇ ପାରିଲେ
ଜୀବନ ସୁରିଲା ଗୀତ।

**-ଅନୁଲିପ୍ସା ମିଶ୍ର**
ମହିଳୋ, ଜଗତସିଂହପୁର

### ମଧୁ ମାସ

ଚଉଦିଗ ତୋରା ଦିଶିଲାଣି ପରା
ମଧୁ ମାସ ହେଲା ପ୍ରବେଶ,
ଋତୁ ଚକ୍ର ଧାଇଁ ଶୀତକୁ ଚୋରେଇ
ନେବାକୁ କରିଛି ପ୍ରୟାସ।
ନିଶିର ଶିଶିର ନୀଳ ଗଗନର
କୋଳରୁ ନେଲାଣି ମେଲାଣି,
ଶୀତ ଯିବା ଜାଣି ଦକ୍ଷିଣା ଦେଲାଣି
ହସ ଖୁସି ଭରି ଗଲାଣି।
ମଳୟ ପବନ ଛୁଇଁ ମନ ପ୍ରାଣ
ମରତବାସୀଙ୍କୁ ଭେଟିଲା,
ଭଗତ ଗହଣେ ପବିତ୍ର ଫଗୁଣେ
ଦୋଳବେଦି ହସି ଉଠିଲା।
ମହ ମହ ବାସେ କୁସୁମ ଚନ୍ଦନ
ଝୁଣା ଧୂପ ଜଳା କର୍ପୁର,
ନାଚନ୍ତି ଭକତେ, ଭକ୍ତିଭରା ଚିତେ
ବୋଲି ହୋଇ ରଙ୍ଗ ଅବିର।

**-ବସନ୍ତ କୁମାର ଦାସ**
ରଙ୍ଗା, ବରି, ଯାଜପୁର

### କୁହୁଡ଼ି

ଧଳା ରଙ୍ଗର ଶାଢ଼ି ପିନ୍ଧେଇ
କିଏ ସେ ମତେ ଦେଲା ସଜେଇ
ମଥାରେ ଦେଲା ମୋତିଟେ ଥୋଇ
ସକାଳେ ସଞ୍ଜେ ଦେଲା ପଠେଇ।

ରାସ୍ତାଘାଟରେ ଯାଏ ମୁଁ ଶୋଇ
କାହା ଅନିଷ୍ଟ ଭାବେ ମୁଁ ନାହିଁ,
ଆୟୁଷ ମୋର ବଢେନି ବେଶି
ଅଳ୍ପ ଆୟୁଷେ ହୁଅଇ ଖୁସୀ,

ସୂର୍ଯ୍ୟ ଆସିଲେ ଯାଏ ମୁଁ ଡରି
ଖରା ପଡ଼ିଲେ ଯାଏ ମୁଁ ମରି।

ନାଆଁ ଟି ମୋର ଅଟେ କୁହୁଡ଼ି,
ଶୀତ ଆସିଲେ ଆସେ ଦଉଡ଼ି,
କାକର ରୂପେ ପଡ଼ଇ ଝଡ଼ି
ଖରା ଆସିଲେ ଯାଏ ମୁଁ ଉଡ଼ି।

**-ଝରଣା ବାରିକ**
ସମଲ, ତାଳଚେର, ଅନୁଗୋଳ





## ମହୁମାଛି ରହସ୍ୟ

ମହୁମାଛିମାନେ ସବୁଠୁ ଅଧିକ ଶବ୍ଦ କରିଥାନ୍ତି, କାରଣ ଏମାନେ ଏକ ମିନିଟ୍‌ରେ ନିଜ ଡେଣାକୁ ପ୍ରାୟ ୧୧,୪୦୦ ଥର ହଲାଇଥାନ୍ତି। ଅଧକିଲୋ ମହୁ ସଞ୍ଚୟ କରିବାକୁ ଏମାନଙ୍କୁ ପ୍ରାୟ ୨୦ଲକ୍ଷ ଫୁଲ ବ୍ୟବହାର କରିବାକୁ ପଡ଼ିଥାଏ। ସେଥିପାଇଁ ସେମାନଙ୍କୁ ପ୍ରାୟ ୧ ଲକ୍ଷ କିଲୋମିଟରରୁ ଅଧିକ ବାଟ ଅତିକ୍ରମ କରିବାକୁ ପଡ଼େ।



## ଶତ୍ରୁ କବଳରୁ ବଞ୍ଚାଏ ଲାଞ୍ଜୀ

ଶତ୍ରୁ କବଳରୁ ରକ୍ଷା ପାଇବା ପାଇଁ ଏଣ୍ଡୁଅମାନେ ନିଜ ଲାଞ୍ଜୀକୁ ଛିଣ୍ଡାଇ ପାରନ୍ତି। ଆଉ ଅନେକ ପ୍ରଜାତିର ଏଣ୍ଡୁଅ ବି ପହଁରିପାରନ୍ତି। ପୃଥିବୀର କ୍ଷୁଦ୍ରତମ ଏଣ୍ଡୁଅ ପ୍ରଜାତି ଜାରାଗୁଆର ଲମ୍ବ ମାତ୍ର ୧.୬ସେ.ମି. ହୋଇଥିବା ବେଳେ ବୃହତ୍ତମ ଏଣ୍ଡୁଅ ପ୍ରଜାତି କୋମୋଡ୍ରାଗନର ଲମ୍ବ ୨.୬ ମିଟର। ପୁଣି କେତେକ ପ୍ରଜାତିର ଏଣ୍ଡୁଅ ପ୍ରାୟ ୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି।



## ପେପରର ବ୍ୟବହାର

ଦିନକୁ ଦିନ ପେପରର ବ୍ୟବହାର ବଢ଼ିବାରେ ଲାଗିଛି। ଚାଇନାରେ ବର୍ଷକୁ ସର୍ବାଧିକ ୧୦୩ ମିଲିୟନ ଟନ୍ ପେପର ବ୍ୟବହାର ହେଉଛି। ଦ୍ୱିତୀୟରେ ଯୁକ୍ତରାଷ୍ଟ୍ର ଆମେରିକା ରହିଛି, ଯେଉଁଠି ବାର୍ଷିକ ୭୧ ମିଲିୟନ ଟନ୍ ବ୍ୟବହାର ହୁଏ। ସେହିପରି ଭାରତ ପଞ୍ଚମ ସ୍ଥାନରେ ଥିବାବେଳେ ଏଠାରେ ୫୩ ମିଲିୟନ ଟନ୍ ବ୍ୟବହାର ହୁଏ।



## ସର୍ବାଧିକ ବର୍ଷା ହେଉଥିବା ସ୍ଥାନ

ଭାରତରେ ସର୍ବାଧିକ ବର୍ଷା ପାଇଁ ଆସାମର ଚେରାପୁଞ୍ଜି ପ୍ରସିଦ୍ଧ। ଏଠାରେ ବାର୍ଷିକ ୧୧,୭୭୭ ମିଲିମିଟିର ବର୍ଷା ହୋଇଥାଏ। ପୁଣି ଏଠାରେ ରହିଛି ଅନେକ ମନୋରମ ପାହାଡ଼, ପର୍ବତ, ଗୁମ୍ଫା, ଜଙ୍ଗଲ ଓ ଜଳପ୍ରପାତ। ଭାରତର ତୃତୀୟ ବୃହତ୍ ଜଳପ୍ରପାତ ନହକାଲିକାଇ ମଧ ଏହି ସ୍ଥାନର ଶୋଭା ବର୍ଦ୍ଧନ କରୁଛି।



## ପୃଥିବୀର ଡେଙ୍ଗା ପକ୍ଷୀ

ପୃଥିବୀର ସବୁଠୁ ଡେଙ୍ଗା ପକ୍ଷୀ ଭାବେ ବିବେଚିତ ଓଟ ପକ୍ଷୀ (ଅଷ୍ଟ୍ରିଚ୍)। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବ ଯେ, ପକ୍ଷୀ ହେଲେ ବି ଏମାନେ ଉଡ଼ିପାରନ୍ତି ନାହିଁ, କିନ୍ତୁ ଖୁବ୍ ଜୋର୍‌ରେ ଦୌଡ଼ିପାରନ୍ତି। ଏମାନେ ଘଣ୍ଟାକୁ ପ୍ରାୟ ୪୩ ମାଇଲ ଯାଏ ଦୌଡ଼ିଥାନ୍ତି। ଏମାନଙ୍କର ଆଖି ମସ୍ତିଷ୍କ ତୁଳନାରେ ବଡ଼।

# ସବୁଠୁ ବଡ଼ ଓ କ୍ଷୁଦ୍ର ଜୀବ

ବୈଜ୍ଞାନିକମାନଙ୍କ ତଥ୍ୟ ଅନୁସାରେ ପୃଥିବୀରେ ସମୁଦାୟ ୮୭ ଲକ୍ଷ ପ୍ରକାର ଜୀବ ରହିଛନ୍ତି। ଏମାନଙ୍କ ମଧ୍ୟରେ ସବୁଠୁ ବୃହତ୍ ଜୀବ ହେଉଛି ଆଟଲାଣ୍ଟିକ୍ ମହାସାଗରରେ ବସବାସ କରୁଥିବା ନୀଳତିମି। ଏକ ପୂର୍ଣ୍ଣ ବିକଶିତ ନୀଳତିମିର ଓଜନ ପାଖାପାଖି ୧୯୦ ଟନ୍ ଏବଂ ଲମ୍ବ ପାଖାପାଖି ୨୭.୯ ମିଟର ପର୍ଯ୍ୟନ୍ତ ହୋଇଥାଏ। ଏହାର ଓଜନ ପାଖାପାଖି ୩୩ଟି ହାତୀର ଓଜନ ସହ ସମାନ।

ନୀଳତିମି ପୃଥିବୀର ସବୁଠୁ ଉଚ୍ଚସ୍ୱର ବିଶିଷ୍ଟ ପ୍ରାଣୀ। ଏହାର ଗର୍ଜନ ଶବ୍ଦ ଜେଟ୍ ଇଞ୍ଜିନ୍‌ଠାରୁ ବି ଅଧିକ। ଗୋଟିଏ ଜେଟ୍ ଇଞ୍ଜିନ୍‌ର ଶବ୍ଦ ୧୪୦ ଡେସିବଲ୍ ହୋଇଥିବା ବେଳେ ନୀଳତିମିର ସ୍ୱର ୧୮୦ ଡେସିବଲ୍ ପର୍ଯ୍ୟନ୍ତ ପହଞ୍ଚିପାରେ। ଏମାନେ ଅତି କ୍ଷୀଣସ୍ୱର ମଧ ବାହାର କରିପାରନ୍ତି ଏବଂ ଶୁଣି ମଧ ପାରନ୍ତି, ଯାହା ମଣିଷ କାନକୁ ବି ଶୁଭି ନ ଥାଏ। ଏମାନଙ୍କର ମୁଖ୍ୟ ଖାଦ୍ୟ ହେଉଛି ମହାସାଗରରେ ମିଳୁଥିବା କ୍ରିଲ୍। ଏହି କ୍ରିଲ୍ ଅତି କ୍ଷୁଦ୍ର କଙ୍କଡ଼ା ପରି କଠିନ ଆବରଣଯୁକ୍ତ ଜଳଚର ପ୍ରାଣୀ। ଗୋଟିଏ ନୀଳତିମି ଏକାଥରକେ ୫୦ ଟନ୍ ପାଣି ସହ କ୍ରିଲ୍‌ମାନଙ୍କୁ ମୁହଁ ଭିତରକୁ ନେଇଥାଏ। ତା' ଭିତରୁ କେବଳ କ୍ରିଲ୍‌ଗୁଡ଼ିକୁ ଗିଳିଥାଏ ଓ ପାଣିତକ ବାହାର କରିଦେଇ ଥାଏ।



ସେହିପରି ମୁଣ୍ଡ ଖପୁରିର ଆକାର ଓ ଶରୀରର ଆୟତନକୁ ବିଚାରକୁ ନେଲେ ପୃଥିବୀର ସବୁଠୁ କ୍ଷୁଦ୍ରତମ ପ୍ରାଣୀଟି କିଟିସ୍ ହଗ୍-ନୋସଡ୍ ବ୍ୟାଟ ବା ବାଦୁଡ଼ି। ଏହାର ଶରୀରର ଆକାର ମାତ୍ର ୩୦ ମି.ମି.। ଏହି ଜୀବକୁ ତା'ର ଗୋଜିଆ ହୋଇ ବାହାରକୁ ବାହାରିଥିବା ଥୋମଣି ଓ ନାଲି ଖଇରିଆ ମିଶା ଶରୀରର ରଙ୍ଗରୁ ଚିହ୍ନା ପଡ଼ିଥାଏ। ଏହି ବିଲୁପ୍ତପ୍ରାୟ ପ୍ରଜାତି ଶହ ଶହ ସଂଖ୍ୟାରେ ଦଳବଦ୍ଧ ଭାବରେ ରହିଥାନ୍ତି। ଏମାନେ ଥାଇଲାଣ୍ଡ ଓ ମ୍ୟାନମାର୍‌ର କେତେକ ନିର୍ଦ୍ଦିଷ୍ଟ ନଦୀକୂଳରେ ଥିବା ଚୂନପଥର ଗୁମ୍ଫାରେ ଦେଖାଯାଆନ୍ତି। ପୃଥିବୀର ଏଇ କ୍ଷୁଦ୍ରତମ ଜୀବଟି ପୃଥିବୀର ବୃହତ୍ତମ ଜୀବ ନୀଳତିମିଠାରୁ ଆଠଶହ ଲକ୍ଷ ଗୁଣ ହାଲୁକା।



ଶରୀରର ଓଜନକୁ ଦୃଷ୍ଟିରେ ରଖି କେତେକ ବୈଜ୍ଞାନିକଙ୍କ ମତରେ ପୃଥିବୀର ସବୁଠାରୁ କ୍ଷୁଦ୍ରତ୍ତମ ପ୍ରାଣୀଟି ହେଉଛି ହ୍ୱାଇଟ୍ -ଟୁଥଡ୍ ପିଗ୍ ମି ସ୍ରୁ (ସ୍ରୁ- ମୂଷା ପରି ଗୋଜାମୁହଁ ପ୍ରାଣୀ)। ଏହାର ଶରୀରର ଓଜନ ମାତ୍ର ୧.୮ ଗ୍ରାମ ହୋଇଥାଏ। ଏହାର ଲାଞ୍ଜଟିକୁ ବାଦ୍ ଦେଲେ ଏହାର ଶରୀରର ଲମ୍ବା ୪ ସେ.ମି. ହୋଇଥାଏ। ନିଜ ଶରୀର ଓଜନର ଦୁଇଗୁଣା ଖାଦ୍ୟ ପ୍ରତ୍ୟେକ ଦିନ ଆହାର କରିଥାଏ। କୀଟ, ପତଙ୍ଗ ଓ ଛୋଟ ଛୋଟ ଜୀବମାନେ ହେଲେ ଏହାର ମୁଖ୍ୟ ଖାଦ୍ୟ। ୟୁରୋପ, ଦକ୍ଷିଣ ଆମେରିକା, ମାଲେସିଆ, ଭୂମଧ୍ୟ ସାଗରରେ ଥିବା ମାଲ୍‌ଟିସ୍ ଦ୍ୱୀପର ଉଷ୍ମ ଓ ସନ୍ତସନ୍ତିଆ ଜାଗାରେ ଏଗୁଡ଼ିକ ବହୁଳ ଭାବରେ ବାସ କରିଥାନ୍ତି।

**– ଜାହ୍ନବୀ ମିଶ୍ର,** ନଭି ମୁମ୍ବାଇ
ମୋ: ୯୧୩୬୧୧୯୭୫୩

# ଆ ଇ ନା



ଗୁଞ୍ଜନ୍ ମହାନ୍ତି
ବୟସः ୬ ବର୍ଷ
କଟକ



ପ୍ରିୟାଂଶି ପ୍ରେରଣା ବ୍ରହ୍ମା
ବୟସः ୬ ବର୍ଷ
ଭୁବନେଶ୍ୱର



ଅନ୍‌ମୋଲ ଅନିକେତ
ବୟସः ୮ ବର୍ଷ
ଆନ୍ଧ୍ରପ୍ରଦେଶ